## ସଂକ୍ଷେପରେ

### ସିଟି କଲେଜରେ ଏନସିସି ଦିବସ

**ବ୍ରହ୍ମପୁର ଅଫିସ,୨୪।୧୧:** ବ୍ରହ୍ମପୁର ସିଟି କଲେଜ ପକ୍ଷରୁ ଏନ୍‌ସିସି ଦିବସ ରବିବାର ପାଳିତ ହୋଇଯାଇଛି। ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ପୁଷ୍ପାଞ୍ଜଳି ସାବତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଏନ୍‌ସିସି ଅଫିସର ମେଘନାଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ଼.ସୁନୀଲ କୁମାର ଗନ୍ତାୟତ, ଦୀପକ ରଞ୍ଜନ ମିଶ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳିତ

**ଧରାକୋଟ,୨୪।୧୧(ଡି.ଏନ.ଏ.):** ସତ୍ୟସାଇ ସେବା ଗ୍ରୁପ ଧରାକୋଟ ଶାଖା ପକ୍ଷରୁ ସତ୍ୟସାଇ ବାବାଙ୍କ ୯୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାତଃରୁ ଓଁକାର ସୁପ୍ରଭାତମ, ନଗର ସଂକୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା, ହୋମକାର୍ଯ୍ୟ, ଭଜନ, ବେଦପାଠ, ଜ୍ୟୋତି ପ୍ରଜ୍ୱଳନ କାର୍ଯ୍ୟକ୍ରମ ପରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଧରାକୋଟ ଥାନାଧିକାରୀ ସହଦେବ ମହାପାତ୍ର, ବ୍ଲକ ଅଧକ୍ଷା ରୀନା ଗୌଡ଼, ଡ଼. ବିମଳ ପ୍ରସାଦ ପଟ୍ଟନାୟକ, ଡ଼ା. ଶଙ୍କର ନାରାୟଣ ବେହେରା, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ଉପଦେଷ୍ଟା ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲ୍ଲାସ୍ତରୀୟ ସର୍ଗିଫୁଲ

**ଖଜୁରିପଡ଼ା,୨୪।୧୧ :** ଖଜୁରିପଡ଼ା ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦୂତିପଡାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଶନିବାର ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ବାଲିଗୁଡ଼ା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ, ପ୍ରଧାନ ଶିକ୍ଷକ ସୁକଦେବ ପ୍ରଧାନ, କୁଦୁଦୁକି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପାଇଟାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ମଣ୍ଡଳାଧୀଶ ପ୍ରହଲାଦ ମହାରଣା ଉତ୍ସବରେ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ସର୍ଗିଫୁଲ ଉତ୍ସବରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ପାଇଁ ନିଜର କୌଶଳ ପ୍ରଦର୍ଶନ କରିଥିଲେ।

### ବଡ଼ଦାଙ୍କ ଜୟନ୍ତୀ ଉତ୍ସବ

**ବୁଗୁଡ଼ା,୨୪।୧୧(ଡି.ଏନ.ଏ.):** ବୁଗୁଡ଼ା ଝୁଣ୍ଟୁଝୁଣିଆ ସାହିସ୍ଥିତ ସତସଙ୍ଗ କେନ୍ଦ୍ରରେ ବଡ଼ଦାଙ୍କ ୧୦୯ତମ ଜନ୍ମ ଜୟନ୍ତୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ପ୍ରାତଃ ସଂକୀର୍ତ୍ତନ ସହ ପ୍ରଭାତ ଭ୍ରମଣ ହୋଇଥିଲା।ପରେ ସନ୍ଧ୍ୟାରେ କେନ୍ଦ୍ର ପରିସରରେ ଜନ୍ମ ଲଗ୍ନ ଘୋଷଣା, ଭଜନ, କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ଋତ୍ୱିକ ପଞ୍ଚୁ ଗୋପାଳ ମୁଖାର୍ଜୀ, ଉପେନ୍ଦ୍ର ସାହୁ ଓ ବାମନ ମହାପାତ୍ର ଯୋଗଦେଇଥିଲେ। ପରେ ଆନନ୍ଦ ବଜାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସାନଖେମୁଣ୍ଡି ସାହିତ୍ୟ ସଂସଦ ଆସର, କବିତା ପାଠୋତ୍ସବ

**ପାଟପୁର,୨୪।୧୧:** ସାନଖେମୁଣ୍ଡି ସାହିତ୍ୟ ସଂସଦ ପକ୍ଷରୁ ରବିବାର ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲୋକସେବା ପରିଷଦ ସମ୍ପାଦକ କୁରଶୁ ପଣ୍ଡା, ସମ୍ମାନିତ ଅତିଥି ଭାବେ ପଦ୍ମଚରଣ ମେକାପ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଲୋକ ସାହିତ୍ୟରେ ହଲୁଆଗୀତ ଏକ ଅନୁଶୀଳନୀ ଶୀର୍ଷକ ଆଲୋଚନାଚକ୍ରରେ ସୀମାଞ୍ଚଳ ପ୍ରଧାନ ଆଲୋଚକ ଭାବେ ସନ୍ଦର୍ଭ ପାଠ କରିଥିଲେ। ହଳିଆ ଗୀତର ସୃଷ୍ଟି, ଆବୃତ୍ତି, ପ୍ରକାରଭେଦ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିନାୟକ ଦାଶଙ୍କ ଅଧକ୍ଷତାରେ କବିତା ପାଠୋତ୍ସବ ଅଧିବେଶନରେ ପୀତବାସ ତ୍ରିପାଠୀ ସଂଯୋଜନା ଓ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସମୀକ୍ଷା କରିଥିବା ବେଳେ ପ୍ରଦୀପ୍ତ ଚନ୍ଦ୍ର ସି, ସୋମନାଥ ଦାଶ ଶର୍ମା, ରାଜେନ୍ଦ୍ର କୁମାର ପଣ୍ଡା, ବିଚିତ୍ର ଦୋରାଙ୍କ ସମେତ ବହୁ କବି କବିତା ପାଠ କରିଥିଲେ।

## ଜିଲ୍ଲା ଯୁବ ଉତ୍ସବ ଉଦ୍‌ଯାପିତ

# ଗଞ୍ଜାମକୁ ଭାରତର ଶ୍ରେଷ୍ଠ ଜିଲ୍ଲା କରିବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୨୪।୧୧**

ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ କ୍ରୀଡା ବିଭାଗ ଅନୁକୂଲ୍ୟରେ ବ୍ରହ୍ମପୁର ଷ୍ଟାଡିୟମରେ ଚାଲିଥିବା ୨୫ତମ ଜିଲ୍ଲା ଯୁବ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଗଞ୍ଜାମ କଳା, ସଂସ୍କୃତି ଜିଲ୍ଲା । କଳା, ସଂସ୍କୃତି, ପରମ୍ପରା, କ୍ରୀଡା ଭଳି ପ୍ରତ୍ୟେକ କ୍ଷେତ୍ରରେ ଜିଲ୍ଲାକୁ ଭାରତର ଶ୍ରେଷ୍ଠ ଜିଲ୍ଲାରେ ପରିଣତ କରିବାକୁ ଯୁବ ବର୍ଗ ଅଗ୍ରସର ହୁଅନ୍ତୁ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଏହା କହିଛନ୍ତି। ଉଦ୍‌ଯାପନୀ ଦିବସରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତି ବିଭାଗ ସହକାରୀ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ, ବ୍ରହ୍ମପୁର ଷ୍ଟାଡିୟମ୍ ଇନ୍‌ଚାର୍ଜ କାଜଲ କୁମାର ସାହୁ, ଅଧ୍ୟାପକ ଡ. ସତୀଶ ନାୟକ ଓ ନାରାୟଣ ମହାଙ୍କୁଡ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଡ. ହୃଷୀକେଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଓଡିଶୀ ନୃତ୍ୟ, ଇଲୋକ୍ୟୁସନ, ଏକାଙ୍କିକା, ମଣିପୁରୀ, କଥକ ଓ କୁଚିପୁଡି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦଳଗତ ଲୋକସଙ୍ଗୀତ ପ୍ରତିଯେଗିତାରେ ବ୍ରହ୍ମପୁର ଓଡିଶୀ ସଙ୍ଗୀତ ପରିଷଦ(ନୁପୁର) ଅନୁଷ୍ଠାନର ନଳିନୀକାନ୍ତ ପାତ୍ର ଓ ଦଳ, ଦଳଗତ ଲୋକନୃତ୍ୟରେ ଶ୍ୟାମଘନ ବେହେରା ଓ ଦଳ ଜିଲ୍ଲାସ୍ତରରେ ପ୍ରଥମ ହୋଇ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ସେହିପରି ବଂଶୀବାଦନରେ ରମାକାନ୍ତ ସାହୁ, ହିନ୍ଦୁସ୍ଥାନୀ ସଙ୍ଗୀତରେ ଦିବ୍ୟାଶା ପଣ୍ଡା, ତବଲାରେ ଏ. ସିଦ୍ଧାର୍ଥ, ହାରମୋନିୟମରେ ଆଶିଷ କୁମାର ଭୂୟାଁ, ଭାରତ ନାଟ୍ୟମ୍ ଓ କୁଚିପୁଡିରେ




ନୁପୁର ଅନୁଷ୍ଠାନର ପ୍ରତିଯୋଗୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି ।

ମୋନାଲି ଦାଶ, ମୃଦଙ୍ଗରେ ଝଟକ ବେହେରା, ବକ୍ତୃତାରେ ଶୁଭଶ୍ରୀ ଜେନା, ଏକାଙ୍କିକାରେ ଆରିହ୍ୟାନ୍ତ କଲେଜର ବିଶ୍ୱମ୍ଭର ବେହେରା ଓ ଗ୍ରୁପ , ଗିଟାରରେ କାଳୁଚରଣ ମହାରଣା, ଓଡିଶୀ ନୃତ୍ୟରେ ସୋନାଲି ସାବତ, କଥକରେ ଚର୍ଚ୍ଚିକା ଦାଶ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି । ଏହି କୃତୀ ପ୍ରତିଯୋଗୀମାନେ ଆଗାମୀଦିନରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଭାଗନେବେ ବୋଲି କ୍ରୀଡା ବିଭାଗ ପକ୍ଷରୁ କୁହାଯାଇଛି । ଏହି ଉତ୍ସବରେ ଜିଲ୍ଲାର ୧୧ ବ୍ଲକ, ୨ ଏନ୍‌ଏସି ଓ ବ୍ରହ୍ମପୁର ମହାନଗର ନିଗମରୁ ୪୮୦ ଯୁବ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଇଥିଲେ। ଜିଲ୍ଲାର ୩୧ ବରିଷ୍ଠ ଗୁରୁ, କଳାକାର ବିଚାରକ ଭାବେ ଯୋଗଦେଇଥିଲେ। ୬୨ ଅଫିସିଆଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉଦ୍‌ଯାପନୀ ଦିବସରେ ବିଭିନ୍ନ ପ୍ରତିଯୋଗିତାରେ ଜିଲ୍ଲାରୁ ଭାଗନେଇ ଲୋକ ସଙ୍ଗୀତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଓଡିଶୀ ସଙ୍ଗୀତ ପରିଷଦ(ନୂପୁର) ଅନୁଷ୍ଠାନ ସମେତ ଅନ୍ୟ ୭ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବ୍ରହ୍ମପୁର ଜେଲରେ ଭଲିବଲ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୨୪।୧୧**

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଭଲିବଲ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ତେବାସୀମାନେ ଭାଗ ଦେଇଥିଲେ। ଏକ ଅନୁଷ୍ଠାନ ପକ୍ଷରୁ ପ୍ରଦତ୍ତ ବିଜେତା ଦଳକୁ ଟ୍ରଫି ଏବଂ ଅନ୍ୟ ଖେଳାଳିମାନଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଜେଲର ବରିଷ୍ଠ ଅଧୀକ୍ଷକ ଆଶିଷ କୁମାର ସିହ୍ନା ବିତରଣ କରିଥିଲେ। କାରାପାଳ ଶଶିକାନ୍ତ ମାହାଲିକ ଯୋଗଦେଇ ସୁସ୍ଥ ଶରୀର ଏବଂ ମାନସିକ ଶକ୍ତିବୃଦ୍ଧି ପାଇଁ କ୍ରୀଡ଼ା ଏକ ମାଧ୍ୟମ ହୋଇଥିବାରୁ ଅନ୍ତେବାସୀମାନେ ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଜେଲ ଭିତରେ ଶିକ୍ଷା ଏବଂ ଉଚ୍ଚଶିକ୍ଷା ପାଇଁ ସୁବିଧା ଉପଲବ୍ଧ ଥିବାରୁ ଅନ୍ତେବାସୀ ଏହାର ସୁଯୋଗ ନେବା ଉପରେ କାରାପାଳ ଗୁରୁତ୍ୱାରୋପ କରିଥିଲେ । ସିଷ୍ଟର ଶାନ୍ତି ଖେଳ ସାମଗ୍ରୀ ଯୋଗାଇଥିଲେ। ପ୍ରତିଯୋଗିତାରେ କାରା ପ୍ରଶିକ୍ଷଣ ସ୍କୁଲର ହାବିଲଦାର ରୁଦ୍ର ପ୍ରତାପ ଶତପଥୀ ରେଫରି ଥିବା ବେଳେ ସହକାରୀ କାରାପାଳ କାମାକ୍ଷୀ ପ୍ରସାଦ ପତି, ହନୁ ସେଠୀ, ତରୁଣସେନ ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।

## କେଏସ୍‌ୟୁବି କଲେଜରେ ଏନ୍‌ସିସି ଦିବସ




ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ଭଞ୍ଜନଗର,୨୪।୧୧(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ପକ୍ଷରୁ ରବିବାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ କଲେଜ ଅଧକ୍ଷ ଡ଼. ନୀଳାଞ୍ଚଳ ମୁନି ଅଧକ୍ଷତା କରିଥିଲେ। ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ମିଶ୍ର ମହତ୍ୱ ଉଦ୍ଦେଶ୍ୟ ନେଇ ଏନ୍‌ସିସି ଗଠନ ହୋଇଛି ବୋଲି କହିଥିଲେ। ତେଣୁ ଛାତ୍ରୀଛାତ୍ରମାନେ ଉପଯୁକ୍ତ ତାଲିମ ନେଇ ଭବିଷ୍ୟତ ଉଜ୍ଜ୍ୱଳମୟ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ଼. ସୁବାସ ଚନ୍ଦ୍ର ପ୍ରଧାନ, ଡ଼. ରବିନ୍ଦ୍ର ନାଥ ପାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏନ୍‌ସିସି ଅଫିସର ଡ଼. ରବୀନ୍ଦ୍ର ମିଶ୍ର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାପରେ କୃତି ଏନସିସି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ବିଡ଼ିପୁର କଲେଜ ପ୍ରମୁଖ ସ୍ଥାନରେ ଏନସିସି ଦିବସ ପାଳିତ ହୋଇଯାଇଛି।

## ଡିଜେରେ ଛାତି ଥରୁଛି, କାର୍ଯ୍ୟାନୁଷ୍ଠାନ ଶୂନ

**ଭଞ୍ଜନଗର,୨୪।୧୧(ଡି.ଏନ.ଏ.)**

ବିଭିନ୍ନ ଶୋଭାଯାତ୍ରାରେ ଡିଜେ ବ୍ୟବହାର ବହୁଳ ଭାବେ ବଢ଼ିଯାଇଛି। କିନ୍ତୁ ଡ଼ିଜେ ଗୁଡ଼ିକୁ ନିର୍ଦ୍ଧାରିତ ଠାରୁ ଅଧିକ ଜୋରରେ ବାଜୁଥିବା ଦେଖିବାକୁ ମିଳୁଛି। ଏଭଳି ଭଞ୍ଜନଗର ସହରରେ ବିଗତ କିଛିଦିନ ହେବ ବିଭିନ୍ନ ଶୋଭାଯାତ୍ରା ଗୁଡ଼ିକରେ ବହୁ ଜୋରରେ ଡିଜେ ବାଜୁଥିବା ଦେଖିବାକୁ ମିଳୁଛି। ଡ଼ିଜେ ବାଜୁଥିବାବେଳେ ସମ୍ପୃକ୍ତ ରାସ୍ତା ଦେଇ ଯାତାୟାତବେଳେ ଛାତି ଥରିଯାଉଛି। ହୃଦ୍‌ରୋଗୀ ହୋଇଥିଲେ ଡ଼ିଜେ ଶବ୍ଦ ଘାତକ ସାଜିପାରେ। ଡ଼ିଜେ ଶବ୍ଦକୁ ପୋଲିସ ପ୍ରଶାସନ ରୋକି ପାରୁନାହିଁ। ଶୋଭାଯାତ୍ରା ପାଇଁ ଲୋକେ ପୋଲିସ ପ୍ରଶାସନ ଠାରୁ ଅନୁମତି ନେବା ସମୟରେ ନିୟମ ଅନୁସାରେ ଶବ୍ଦ ବ୍ୟବହାର କରାଯିବ ବୋଲି ଲିଖିତ ଭାବେ ପୋଲିସ ପ୍ରଶାସନକୁ ଜଣାଉଛନ୍ତି। ଏହାପରେ ପୋଲିସ ପ୍ରଶାସନ ମଧ୍ୟ ଶୋଭାଯାତ୍ରା ପାଇଁ ଅନୁମତି ଦେଉଛି।

## ସିନିୟର ସିଟିଜେନ ଫୋରମ ବୈଠକ

**ବ୍ରହ୍ମପୁର ଅଫିସ,୨୪।୧୧:** ଗଞ୍ଜାମ ଜିଲ୍ଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ଫୋରମ ବୈଠକ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଆଶ୍ରମରେ ଆୟୋଜିତ ବୈଠକରେ ମାନସ ଭକ୍ତିରତ୍ନ ପ୍ରଶାନ୍ତ କୁମାର ରଥ ଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ବରିଷ୍ଠ ନାଗରିକମାନେ ନିୟମିତ ସତ୍‌ସଙ୍ଗରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ସଭାପତି ରାସ ବିହାରୀ ଦାସ ଅଧକ୍ଷତା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର, ଉପଦେଷ୍ଟା ବିଘ୍ନେଶ୍ୱର ପାଢ଼ୀ, ଶ୍ରୀବତ୍ସ ଦଳାଇ ମଞ୍ଚାସୀନ ଥିଲେ। ରେଳ ସମସ୍ୟାର ସମାଧାନ ପାଇଁ ନଭେମ୍ବର ୨୬ରେ ବ୍ରହ୍ମପୁର ଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବାର ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଆଲୋଚନାରେ ସୂର୍ଯ୍ୟକାନ୍ତ ପାତ୍ର, ବାସୁଦେବ ଲିମା, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ପ୍ରଭାକର ସାହୁ, ପ୍ରକାଶ ପଣ୍ଡା ଓ କାହ୍ନୁ ଚରଣ ପଣ୍ଡା ପ୍ରମୁଖ ଭାଗ ନେଇଥିଲେ। ବିପ୍ର ଚରଣ ପାତ୍ର, ଜ୍ୟୋତି ରଞ୍ଜନ ତ୍ରିପାଠୀ, ନିରଞ୍ଜନ ମହାନ୍ତି, ଜୟନ୍ତ ଲାଲ ଚୌହ୍ୱାନ, ରବୀନ୍ଦ୍ର ମହାରଣା, ବିନୋଦ କୁମାର ଜେନା, ଡ଼ା. ଚନ୍ଦ୍ରମଣି ସ୍ୱାଇଁ, କପିଳ ମହାନ୍ତି, ଇନ୍ଦୁଭୂଷଣ ପଟ୍ଟନାୟକ, ଡି.ଆପ୍ପାରାଓ, ସୋମନାଥ ମହାରଣା, ଦେବରାଜ କୋଠିଆ, ଗଣପତି ବେହେରା, ରାଜାରାଓ, ବିଜୟ କୁମାର ପଟ୍ଟନାୟକ ଓ ଶ୍ରୀନିବାସ ରାଓଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତ ନଭେମ୍ବରରେ ଜନ୍ମଗ୍ରହଣ କରିଥିବା ଫୋରମ୍ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜ୍ଞାପନ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ବିବରଣୀ ପାଠ ଏବଂ ପୂର୍ଣ୍ଣଚନ୍ଦ୍ର ମହାରଣା ହିସାବ ଉପସ୍ଥାପନ କରିଥିଲେ ।

## କିନ୍ନର ମହାସଂଘର ସଫେଇ କାର୍ଯ୍ୟକ୍ରମ

**ଜି.ଉଦୟଗିରି,୨୪।୧୧(ଡି.ଏନ.ଏ.)**

ଜି.ଉଦୟଗିରି ଠାରେ ରବିବାର କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘ ତରଫରୁ ସଫେଇ କାର୍ଯ୍ୟକ୍ରମ ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କିନ୍ନର ସଂଘ ସଭାପତି ନମିତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜି.ଉଦୟଗିରି ଥାନା ଏଏସ୍‌ଆଇ ସୁବାସ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କିନ୍ନର ସଂଘର ସଫେଇ କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଥିଲେ । ଗାନ୍ଧୀ ଛକ, ବନ୍ଧଛକ, ଜି.ଉଦୟଗିରି ହସ୍ପିଟାଲରେ ସଫେଇ କରାଯାଇଥିଲା । ଫୁଲ କିନ୍ନର, ଝୁମୁକା କିନ୍ନର, ମିରା କିନ୍ନର, ସାନ କିନ୍ନର, ନିକି ନାୟକ, ରାଲି ପ୍ରଧାନ, କଳ୍ପନା ପ୍ରଧାନଙ୍କ ସମେତ ବହୁ କିନ୍ନର ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।




କିନ୍ନର ମହାସଂଘର ସଚେତନତା।

## ଓଷ୍ଟା ପକ୍ଷରୁ ମେଧାବୃତ୍ତି ପରୀକ୍ଷା

**ଭଞ୍ଜନଗର,୨୪।୧୧(ଡି.ଏନ.ଏ)**

ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଓଷ୍ଟା ପକ୍ଷରୁ ମେଧାବୃତ୍ତି ବୃତି ପରୀକ୍ଷା ହୋଇଥିଲା। ଏଥିରେ ଭଞ୍ଜନଗର ଉପଖଣ୍ଡର ୫ଟି ବ୍ଲକର ୯ମ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିବର୍ଷ ଓଷ୍ଟା ପକ୍ଷରୁ ରାଜ୍ୟସ୍ତରରେ ୧୦୦ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମକୁ ପରିଚାଳନାରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ଜେନା, ଉପ ସଭାପତି ବିଜୟ ମହାରଣା, ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଅଶୋକ କୁମାର ଦଳେଇ ରାଜ୍ୟ ସଂଘ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ।

## ଶ୍ରୀ ମା’ ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ



ଉପସ୍ଥିତ କର୍ମକର୍ତ୍ତା।

**ଭଞ୍ଜନଗର, ୨୪।୧୧(ଡି.ଏନ.ଏ.)**

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠରେ ରବିବାର ଶ୍ରୀ ମା’ ଶ୍ରୀ ଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଦି ମଦର୍ସ ଇଣ୍ଟରନ୍ୟାସନାଲ କଲେଜ ବ୍ରହ୍ମପୁରର କର୍ମକର୍ତ୍ତା ଲଲାଟେନ୍ଦୁ ସାମନ୍ତ, ଆସ୍ପୃହା ମଣ୍ଡଳ ସଙ୍ଗଠକ ଭାଗିରଥି ମହାପାତ୍ର, ମାତୃପ୍ରେମୀ ଲକ୍ଷ୍ମୀ ଚରଣ ଦାସ, ଜିଲ୍ଲା ମହିଳା ପାଠଚକ୍ର ସଭାନେତ୍ରୀ କମଳ କୁମାରୀ ସାମନ୍ତ, ଶକ୍ତିପୀଠ ମ୍ୟାନଜିଂ ଟ୍ରଷ୍ଟି ନିରଦାବାସିନୀ ପଟ୍ଟନାୟକ, ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା, ବୁଲୁ ଭାଇ ପ୍ରମୁଖ ଯୋଗଦେଇ ଶ୍ରୀମା ଅରବିନ୍ଦଙ୍କ ଜିବନୀ ସମ୍ପର୍କରେ କହିଥିଲେ। ରମେଶ ବେହେରା ସଭା ସଂଯୋଜନା କରିଥିବାବେଳେ ସୁନନ୍ଦା ବେହେରା ମାତୃ ସଙ୍ଗୀତ ଗାନ କରିଥିଲେ। ଖେଳାବତୀ ସାହୁ, ଜୟରାମ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡି ପ୍ରଚାରରେ ସିନେତାରକା

**ଛତ୍ରପୁର,୨୪।୧୧(ଡି.ଏନ୍.ଏ.)**

**ଜିଲ୍ଲା ପରିଷଦ ଉପନିର୍ବାଚନ**

ଆସନ୍ତା ୨୭ ତାରିଖରେ ଛତ୍ରପୁର ବ୍ଲକର ୧୯ନଂ. ଜୋନ ଜିଲ୍ଲା ପରିଷଦ ସଭ୍ୟ ଉପନିର୍ବାଚନ ହେବ। ରବିବାର ବିଜେଡି ପକ୍ଷରୁ ୩ ପଞ୍ଚାୟତରେ ପ୍ରଚାର କରାଯାଇଛି। ବିଜେଡି ପ୍ରାର୍ଥୀ ପ୍ରମୋଦ କୁମାର ପ୍ରଧାନଙ୍କ ନିମନ୍ତେ ଓଡିଆ ଅଭିନେତ୍ରୀ ଜିନା ଲକ୍ଷ୍ମୀପୁର, ନରେନ୍ଦ୍ରପୁର ଓ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ପ୍ରଚାର କରିଛନ୍ତି। ପ୍ରଚାରରେ ପ୍ରାର୍ଥୀଙ୍କ ସମେତ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ବ୍ଲକ ଅଧକ୍ଷ ଏମ୍.ଧନଞ୍ଜୟ ରେଡ୍ଡୀ, ଜିଲ୍ଲା ପରିଷଦ ସଭ୍ୟ ଏସ.କିଶୋର ରେଡ୍ଡୀ, ଅଶୋକ ପାଣିଗ୍ରାହୀ, ଜୟଦେବ ଲେଙ୍କାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଏହି ଉପନିର୍ବାଚନରେ ୪ ଜଣ ପ୍ରତିଦ୍ୱନ୍ଦିତା କରୁଛନ୍ତି।



ପ୍ରଚାର ଚାଲିଛି।

## କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବୈଠକ

**ଫୁଲବାଣୀ ଅଫିସ,୨୪।୧୧**

ଫୁଲବାଣୀସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ସମ୍ପର୍କିତ ଦ୍ୱିତୀୟ ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଜିଲ୍ଲାପାଳ ଡା.ବୃନ୍ଦା. ଡି.ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କୌଣସି ବି ଟିକାରୁ ବଞ୍ଚିତ ହୋଇଥିବା ଶୂନରୁ ୨ବର୍ଷ ବୟସର ଶିଶୁ ଓ ଗର୍ଭବତୀଙ୍କୁ ଡିସେମ୍ବର ୨ ତାରିଖରୁ ସମ୍ପୂର୍ଣ୍ଣ ଟିକାକରଣ କରାଯିବ। ଏଥିସହ ଅପପୃଷ୍ଟିର ଶିକାର ସମସ୍ତ ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ଚିକିତ୍ସା ସୁନିଶ୍ଚିତ କରିବା, ସମସ୍ତ ଗର୍ଭବତୀଙ୍କୁ ସମ୍ଭାବ୍ୟ ପ୍ରସବ ପୂର୍ବରୁ ମା’ ଗୃହରେ ରଖିବା ଆଦି ବ୍ୟବସ୍ଥା କରାଯିବ। ଡିସେମ୍ବର, ଜାନୁୟାରୀ, ଫେବୃୟାରୀ, ମାର୍ଚ୍ଚ ମାସରେ ୭ ଦିନ ଏହା ଚାଲୁ ରହିବ। ଶତ ପ୍ରତିଶତ ଟୀକାକରଣ ଇଣ୍ଟେନସିଫାଇଡ୍ ମିଶନ୍ ଇନ୍ଦ୍ରଧନୁଶର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ କହିଥିଲେ। ଗତ ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ କୋଟଗଡ଼, ଟିକାବାଲି ଓ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଜଣେ ଲେଖାଏ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମୃତ୍ୟୁର କାରଣ ଜାଣିବା ପାଇଁ ବୈଠକରେ ଉପସ୍ଥିତ ସମ୍ପୃକ୍ତ ଚିକିତ୍ସା ଅଧିକାରୀ, ସିଡିପିଓ ଓ ସେମାନଙ୍କ ଅଧସ୍ତନ କର୍ମଚାରୀଙ୍କୁ ନେଇ ସମୀକ୍ଷା ହୋଇଥିଲା। ଗର୍ଭବତୀଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ୨ ଜଣ ଦାୟିତ୍ୱସମ୍ପର୍ଣ୍ଣ ଅଧିକାରୀଙ୍କୁ ନିଯୁକ୍ତି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀ ତଥା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।

ଜିଲ୍ଲାରେ ମୋଟ ୭୧୦ ଶିଶୁ ଓ ୧୭୩ ଗର୍ଭବତୀଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ସ୍ୱାସ୍ଥ୍ୟ କର୍ମୀ ଓ ଆଶା କର୍ମୀମାନେ ଘରକୁ ଘର ବୁଲିବେ। ସେମାନେ ପ୍ରତିଦିନ ସନ୍ଧ୍ୟାରେ ଗାଁ ଲୋକଙ୍କୁ ଏକାଠି କରି ସଚେତନ କରାଇବା ସହିତ ଉକ୍ତଦିନ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ। ଜିଲ୍ଲାସ୍ତରରେ ଏବଂ ବ୍ଲକସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲାଯିବା ପାଇଁ ବ୍ୟବସ୍ଥା କରାଯିବ। ଜିଲ୍ଲାରେ ମୋଟ ୫୦,୭୦୮ ଶିଶୁଙ୍କୁ ଓଜନ କରାଯାଇଥିଲା। ସେଥିମଧ୍ୟରୁ ୩୬୭ଜଣ ଅତିଶୟ କୁପୋଷଣ ଶିଶୁ ବୋଲି ଜଣାପଡ଼ିଛି। ସେହିପରି ୬ ମାସରୁ ୩ ବର୍ଷ ମଧ୍ୟରେ ୫୩ ଶିଶୁଙ୍କର ବାହୁର ମଧ୍ୟ ଭାଗର ମାପ ୧୧.୫ ସେ.ମି.ରୁ କମ୍ ବୋଲି ଜଣାପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନିଶ୍ଚେତକ ଡାକ୍ତରଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସେବା ପ୍ରଦାନ ଲାଗି ପଠାଯାଇଛି। ବର୍ତ୍ତମାନ ବାଲିଗୁଡ଼ାରେ ଅସ୍ତ୍ରୋପଚାର କରାଯାଇପାରିବ । ଅତିଶୟ ସଙ୍କଟାପନ୍ନ ଗର୍ଭବତୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ଆବଶ୍ୟକ ବୋଲି ଜିଲ୍ଲାପାଳ କହିଥିଲେ। ପ୍ରତି ଗାଁ କଲ୍ୟାଣ ସମିତି ମାସକୁ ଅତି କମ୍‌ରେ ୨ ଜଣଙ୍କୁ ପୁରୁଷ ବନ୍ଧ୍ୟାକରଣ ପାଇଁ ରାଜି କରାଇବା ପାଇଁ ପରାମର୍ଶ ମଧ୍ୟ ଦେଇଥିଲେ। ଜିଲ୍ଲାର ୧୪ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱଚ୍ଛତା ପାଇଁ ଭାରତ ସରକାରଙ୍କ ଦ୍ୱାରା କାୟାକଳ୍ପ ପୁରସ୍କାର ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ସୂଚନା ଦିଆଯାଇଛି। ବୈଠକରେ ଜିଲ୍ଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଆଶିଷ କୁମାର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା.ରାଜେଶ୍ୱରୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ପ୍ରସନ୍ନ ତ୍ରିପାଠୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ କୁମାର ପାତ୍ର, ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାଶଙ୍କର ମିଶ୍ର, ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡା. ଅଭୟ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରିଣୀ(ଭେକ୍ଟର ବାହିତ ରୋଗ) ସସ୍ମିତା ଦେବୀ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ମନୋରଞ୍ଜନ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମନସ୍ୱିନୀ ମିଶ୍ରଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ସଂପୃକ୍ତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ସୋମବାର, ନଭେମ୍ବର ୨୫/୨୦୧୯ Berhampur, Monday, November 25/2019

# ଛପର ଘର ଭୁଶୁଡ଼ି ମହିଳା ଗୁରୁତର

**ଦିଗପହଣ୍ଡି,୨୪।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଖମାରୀଗାଁ ପଞ୍ଚାୟତ ବାରିତଳା ଗାଁରେ ରବିବାର ଭୋରରେ ଏକ ଝିକର ଛପର ଘର ଭୁଶୁଡ଼ି ପଡ଼ିବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ସନ୍ତୋଷ ଗୌଡଙ୍କ ସ୍ତ୍ରୀ ସୁଜାତା। ଭୋର ୩ଟାରେ ବାସଗୃହର ଝିକର ନିର୍ମିତ ଛାତର ବହୁସଂଖ୍ୟକ ଝିକର ଖଣ୍ଡ ଆକସ୍ମିକ ଭୁଶୁଡ଼ି ପଡିଥିଲା। ସୁଜାତାଙ୍କ ସ୍ୱାମୀ ଓ ଝିଅ ନିକଟରେ ଶୋଇଥିଲେ ମଧ୍ୟ ସେ ୨ ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସନ୍ତୋଷ ଶବ୍ଦ


ଭୁଶୁଡ଼ି ପଡିଥିବା ଘର।

ହେବାରୁ ନିଦରୁ ଉଠିଯାଇ ପଡ଼ୋଶୀଙ୍କୁ ଡାକି ସ୍ତ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ କ୍ଲିନିକରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସୁଜାତା ସୁସ୍ଥ ଅଛନ୍ତି। ସରପଞ୍ଚ ସନ୍ତୋଷ କୁମାର ପାତ୍ର ଗାଁରେ ପହଞ୍ଚି ଘଟଣା ଦେଖିବା ପରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ଜଣାଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶରେ ରାଜସ୍ୱ ନିରୀକ୍ଷକ ସନ୍ତୋଷଙ୍କ ଘରେ ପହଞ୍ଚି ସବିଶେଷ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଗରିବ ସନ୍ତୋଷଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସରପଞ୍ଚ ଦାବି କରିଛନ୍ତି।

## ସାପ କାମୁଡ଼ାରେ ନାବାଳିକା ମୃତ

**ପାଟପୁର,୨୪।୧୧(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଖଲିଙ୍ଗି ଗାଁର ଭାସ୍କର ବେହେରାଙ୍କ ଝିଅ ଟିକିନାଙ୍କ ଶନିବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ଘର ପାଖରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼କୁ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆକ୍ରମଣ ମାମଲା, ଅଭିଯୁକ୍ତ ଗିରଫ

**ଆସିକା,୨୪।୧୧(ଡି.ଏନ୍.ଏ.)**

ଆସିକା ଥାନା ଅନ୍ତର୍ଗତ ଗୁଣ୍ଡପଡା ଗ୍ରାମରୁ ପୋଲିସ ଶନିବାର ଏକ ସଂଘବଦ୍ଧ ଆକ୍ରମଣ ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସେହି ଗ୍ରାମର ବଳରାମ ଜେନା। ଗତ ୨୦୧୯ ଏପ୍ରିଲ ୧୭ରେ ଅଭିଯୁକ୍ତମାନେ ସଂଘବଦ୍ଧ ହୋଇ ଗୁଣ୍ଡପଡା ଗ୍ରାମର ୨ଜଣ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପୂର୍ବରୁ ଏହି ଘଟଣାରେ ୩ଜଣ ଗିରଫ ହୋଇଥିବାବେଳେ ଶନିବାର ଅନ୍ୟତମ ଅଭିଯୁକ୍ତ ବଳରାମଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## କଣ୍ଡକ୍ଟରଙ୍କୁ ମାଡ଼, ଜେଲଗଲେ ଯୁବକ

**ଆସିକା,୨୪।୧୧(ଡି.ଏନ୍.ଏ.)**

ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ଇଣ୍ଡନପୁର ଗ୍ରାମ ଛକ ନିକଟରେ ଏକ ଘରୋଇ ବସ୍‌ର କଣ୍ଡକ୍ଟରଙ୍କୁ ମାଡ ମାରିବା ଅଭିଯୋଗରେ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଇଣ୍ଡନପୁର ଗ୍ରାମର ଶମ୍ଭୁ ଭୂୟାଁ। ଏହି ମାମଲାରେ ସମ୍ପୃକ୍ତ ଜଣେ ନାବାଳକଙ୍କ ବିରୋଧରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ନାବାଳକଙ୍କୁ ତାଙ୍କ ବାପାଙ୍କ ଜିମାରେ ଛଡାଯାଇଥିବା ଗାଙ୍ଗପୁର ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗୁରୁବାର ଅଭିଯୁକ୍ତ ଶମ୍ଭୁ ଓ ସମ୍ପୃକ୍ତ ନାବାଳକ ଉକ୍ତ ଘରୋଇ ବସ୍‌ରେ କ୍ଷତ୍ରିୟବରପୁରରୁ ଇଣ୍ଡନପୁର ଆସିବାକୁ ବସିଥିଲେ। ଇଣ୍ଡନପୁର ଠାରେ ଗାଡିର ଷ୍ଟପେଜ୍ ନ ଥିବାରୁ ପୂର୍ବ ଷ୍ଟପେଜ ଗାଙ୍ଗପୁରଠାରେ କଣ୍ଡକ୍ଟର ସେମାନଙ୍କୁ ଓହ୍ଲାଇ ଦେଇଥିଲା। ଏନେଇ କଣ୍ଡକ୍ଟରଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଶନିବାର ବସ୍‌କୁ ଇଣ୍ଡନପୁର ଛକରେ ଅଟକାଇ ସମ୍ପୃକ୍ତ କଣ୍ଡକ୍ଟରଙ୍କୁ ଶମ୍ଭୁ ଓ ସମ୍ପୃକ୍ତ ନାବାଳକ ମାଡ ମାରିଥିଲେ। ବସ୍ କଣ୍ଡକ୍ଟର ଗୋପାଳକୃଷ୍ଣ ଡାକୁଆ ଶନିବାର ଗାଙ୍ଗପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୧୫/୧୯ରେ ଏକ ମାମଲା ରୁଜୁ କରିଥିଲା।

## ଗୋଷ୍ଠୀ ସଂଘର୍ଷ ଘଟଣା, ୪ କୋର୍ଟ ଚାଲାଣ

**ଶେରଗଡ଼,୨୪।୧୧(ଡି.ଏନ୍.ଏ.)**

ଶେରଗଡ ବ୍ଲକ ବି. ବ୍ରହ୍ମପୁର ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ପୂର୍ବଶତ୍ରୁତାରୁ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ଘଟଣାରେ ପୋଲିସ ଶନିବାର ସନ୍ଧ୍ୟାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୋଗେନ୍ଦ୍ର ପ୍ରଧାନଙ୍କ ଅଭିଯୋଗକ୍ରମେ ନଂ.୧୧୦/୧୯ରେ ମାମଲା ରୁଜୁକରି ଉକ୍ତ ଗ୍ରାମର ଯୋଗେନ୍ଦ୍ର ଗୌଡ, ନାରୁସୁ ଗୌଡ ଓ କୁମାର ଗୌଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରପକ୍ଷର ଯୋଗେନ୍ଦ୍ର ଗୌଡଙ୍କ ଅଭିଯୋଗକ୍ରମେ ନଂ. ୧୧୧/୧୯ରେ ମାମଲା ରୁଜୁକରି ରାଜେନ୍ଦ୍ର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶ ଯେ, ଗତ ଶୁକ୍ରବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୋଗେନ୍ଦ୍ର ପ୍ରଧାନ ଓ ଯୋଗେନ୍ଦ୍ର ଗୌଡଙ୍କ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ୬ଜଣ ଗୁରୁତର ଆହତ ହୋଇଥିଲେ।

## ବାର୍‌ହା ମାଂସ ଜବତ, ଜଣେ ଗିରଫ

**ବୁଗୁଡ଼ା,୨୪।୧୧(ଡି.ଏନ.ଏ.)**

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ପଥରବଣି ଛକଠାରେ ରବିବାର ପୂର୍ବାହ୍ନରେ ବନ ବିଭାଗ ତରଫରୁ ଚଢ଼ାଉ କରାଯାଇ ଏକ୍ସେଲ ଗାଡ଼ି ଓ ସେଥିରେ ଥିବା ବାର୍‌ହା ମାଂସ ଜବତ କରାଯାଇଛି। ଉକ୍ତ ମାଂସ ନେଇ ଯାଉଥିବା କଣ୍ଟାବଣି ଗ୍ରାମର ପଠାଣ ମାଝିଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା କହିଛନ୍ତି। ଏ ନେଇ ବୁଗୁଡ଼ା ବନ ବିଭାଗରେ ନଂ.୧୭୧/୧୯-୨୦ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଅଭିଯୁକ୍ତ ଯୁବକ ଜଣକ କିରିଆମ୍ବା ଜଙ୍ଗଲରେ ବାର୍‌ହା ଶିକାର କରି ମାଂସ ବିକ୍ରି କରିବାକୁ ତାଙ୍କ ଏକ୍ସେଲ ଗାଡ଼ି (ନଂ.ଓଡି୦୭ଏଫ୪୯୨୪)ରେ ଆସୁଥିଲେ। କୌଣସି ସୂତ୍ରରୁ ଖବର ପାଇ ବନାଞ୍ଚଳ ଅଧିକାରୀଙ୍କ ସମେତ ବନପାଳ ଅଭିରାମ ଖିଲ, ବନରକ୍ଷୀ ଅବିନାଶ କଅଁର, ସୁବ୍ରତ ତ୍ରିପାଠୀ, ରବୀନ୍ଦ୍ର ମଲିକ ପ୍ରମୁଖ ପଥରବଣି ଛକରେ ଚଢ଼ାଉ କରି ପଠାଣଙ୍କୁ କାବୁ କରିଥିଲେ। ତାଙ୍କ ଠାରୁ ସାଢ଼େ ୪ କେଜି ବାର୍‌ହା ମାଂସ ସହ ଗାଡ଼ି ଜବତ କରାଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ସଙ୍କୁରୁ ରାସ୍ତାରେ ବାରହା ଓ କୁଟୁରା ଛାଲ ସହ ମାଂସ ନେଇ ଟିଭିଏସ ଗାଡ଼ିରେ ଯାଉଥିବା ଜଣେ ଅଭିଯୁକ୍ତ ଧରାପଡିଥିଲେ।

## ୬ ଚୋରି ବାଇକ୍ ଉଦ୍ଧାର, ୨ ଗିରଫ

**ଖଲ୍ଲିକୋଟ,୨୪।୧୧(ଡି.ଏନ.ଏ.)**

ଖଲ୍ଲିକୋଟ ପୋଲିସ ଚୋରି ଯାଇଥିବା ୬ ବାଇକ୍ ଉଦ୍ଧାର କରିବା ସହ ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ଗ୍ରାମର ବିକାଶ ଗୌଡ଼ ଏବଂ ଜଗତ ପ୍ରଧାନ।ଖଲ୍ଲିକୋଟ ଅଞ୍ଚଳରେ କିଛିଦିନ ହେଲା ବଜାର ଓ ଛକ ଜାଗାରୁ ବାଇକ ଚୋରି ହେଉଥିଲା। ଏ ନେଇ ଖଲିକୋଟ ଥାନାରେ ଏତଲା ହୋଇଥିଲା। ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ଏସ୍‌ଆଇ ସିଲୁ ଧଳ କୌଣସି ସୂତ୍ରରୁ ଖବରପାଇ ତୁଳସୀପୁରରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲେ। ସେମାନଙ୍କ ସୂଚନା ପ୍ରକାରେ ୬ଟି ବାଇକ ଜବତ କରିଥିଲେ। ଏ ନେଇ ଖଲ୍ଲିକୋଟ ଥାନାରେ ନଂ.୩୪୫/୧୯ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ବାଇକ ଚୋରି ର୍‍ୟାକେଟରେସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଭଙ୍ଗାରୁଜା ମାମଲାରେ ଅଭିଯୁକ୍ତ ଗିରଫ

**ଆସିକା,୨୪।୧୧(ଡି.ଏନ୍.ଏ.):** ଆସିକା ଥାନା ଅନ୍ତର୍ଗତ କର୍ପୂର ନୂଆଗାଁ ଗ୍ରାମରୁ ପୋଲିସ ରବିବାର ପେଟ୍ରୋଲ ପମ୍ପ ଭଙ୍ଗାରୁଜା ଘଟଣାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର ପ୍ରଶାନ୍ତ କୁମାର ବେହେରା ଓ ଦିବାକର ବେହେରା। ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୧୮ ଡିସେମ୍ବର ୨ରେ ଆସିକା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ଦୁର୍ଘଟଣା ଘଟିଥିଲା। ଏଥିରେ କର୍ପୂରନୂଆଗାଁ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହାକୁ କେନ୍ଦ୍ରକରି କର୍ପୂରନୂଆଗାଁ ଗ୍ରାମର କେତେଜଣ ବ୍ୟକ୍ତି ପେଟ୍ରୋଲ ପମ୍ପରେ ପଶି ଭଙ୍ଗାରୁଜା କରିଥିଲେ। ପୋଲିସ ପକ୍ଷରୁ ଏହି ଘଟଣାରେ ୯ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ପୂର୍ବରୁ ଏହି ମାମଲାରେ ୩ଜଣ ଗିରଫ ହୋଇଥିବାବେଳେ ଅଦ୍ୟାବଧି ଆହୁରି ୪ଜଣ ଫେରାର ଥିବା ଜଣାପଡିଛି।












1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ